# ✸ ଦଶାବତାର ✸

### ✦ *ମତ୍ସ୍ୟ (Matsya)* ✦

ପ୍ରଳୟ-ଜଳଧି-ଅତଳ-ଜଳରୁ
ବେଦୋଦ୍ଧାରେ-ମତି ଦେଲ।
ସଦା-ସର୍ବାନ୍ତର; ବାହ୍ୟ ଚରିତ୍ରର
ଆଦରେ ଆଦାନ କଲ।
ହେ କେଶବ! ମୀନ ଶରୀର ଧାରକ!
ହରି! ଜଗତ ଈଶ୍ୱର!
ଶ୍ରୀଚରଣ ତଳେ ଜନ୍ମଜନ୍ମାନ୍ତରେ
ନିରନ୍ତର ନମସ୍କାର।
**୧।**

### ✦ *କୂର୍ମ (Kurma)* ✦

ଧରଣୀଧାରଣଚିହ୍ନରେ ଚକ୍ରିତ
ତବ ସୁବିଶାଳ ପୃଷ୍ଠ।
ଅତିବିପୁଳର ଆୟତନରୁ
ପୃଥିବୀ ସ୍ଥାପନେ ପ୍ରେଷ୍ଠ।
ହେ କେଶବ! କୂର୍ମକାୟରେ କଳ୍ପିତ!
ହରି! ଜଗତ ଈଶ୍ୱର!
ଶ୍ରୀଚରଣ ତଳେ ଜନ୍ମ ଜନ୍ମାନ୍ତରେ
ନିରନ୍ତର ନମସ୍କାର।
**୨।**

### ✦ *ବରାହ (Varaha)* ✦

ତବ ଦଶନଶିଖରରେ ଧରିତ୍ରୀ
ଅସୁରତ୍ରାସ ବିମୁକ୍ତା!
ନିବସିତା ଯଥା ଶଶୀରେ ମସିତା
ଲେଶ-ମାତ୍ରେ ସମାହିତା
ହେ କେଶବ! ଦେବ! ସୂକର ଶରୀର!
ହରି! ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟ କାମୀର
ନିରନ୍ତର ନମସ୍କାର।
**୩।**

## ✦ ନରସିଂହ (Narasimha) ✦

ତୁମ ବର-କର-କମଳେ ରାଜିତ
ନଖପଙ୍କ୍ତି ମହାଶୃଙ୍ଗ ।
ଅଦ୍ଭୁତ ରସରେ ବିନାଶେ ହିରଣ୍ୟ-
କଶିପୁର ତନୁଭୃଙ୍ଗ ।
ହେ କେଶବ! ନରହରି-ରୂପଧର!
ହରି! ଜଗତ ଈଶ୍ୱରି!
ସର୍ବଦା ତୁମର ବିଜୟ-କାମୀର
ନିରନ୍ତର ନମସ୍କାର ।
**4।**

---

## ✦ ବାମନ (Vamana) ✦

ବଳିକୁ ଛଳିବା ପାଇଁ ବଢାଇଲ
ଗଗନେ ନିଜ ଚରଣ ।
ତବ ପଦ-ନଖ-କୋଣ-ବିନିର୍ଗତ
ନୀର ହିଁ ଜନ-ପାବନ ।
କେ କେଶବ! ଖର୍ବରୂପେ ବିରାଜିତ!
ହରି! ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟ-କାମୀର
ନିରନ୍ତର ନମସ୍କାର ।
**5।**

---

## ✦ ପରଶୁରାମ (Parashurama) ✦

ବହୁ ରଣଧୀର-ରୁଧିର-ପୟୋଧି-
ପୟରେ ରଚିଲ ସ୍ନାନ ।
ପାପ ବିଘଟନେ ଜଗତେ ଘଟିତ
ଭବତାପ ପ୍ରଶମନ ।
ହେ କେଶବ! ଭୃଗୁକୁଳ ବଳୀୟାର!
ହରି! ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟ କାମୀର
ନିରନ୍ତର ନମସ୍କାର ।
**6।**

---

## ✦ *ରାମ (Rama)* ✦

ରଣେ ଦଶାନନ କମନୀୟ ମୌଲି
ଦିଶାରେ ବିସ୍ତାରି ଦେଲ।
ଦିଗପାଲେ ରମଣୀୟ ବଲି ଦେଇ
ଶ୍ରୁତି-କୃତି ସମ୍ପାଦିଲ।
ହେ କେଶବ! ରାମ! ରମଣୀୟରୂପ!
ହରି ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟ କାମୀର
ନିରନ୍ତର ନମସ୍କାର।
**୭।**

---

## ✦ *ବଲରାମ (Balarama)* ✦

ବିଶଦ ବପୁରେ ବହିଛ ବସନ
ଜଲଦାଭ ନୀଲକାନ୍ତି।
ହଲହତିଭୀତି ହେତୁ ବକ୍ରଗତି-
କାଲିନ୍ଦୀର ଦିଏ ଭ୍ରାନ୍ତି।
ହେ କେଶବ! ହଲଧର କଲେବର!
ହରି! ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟକାମୀର
ନିରନ୍ତର ନମସ୍କାର।
**୮।**

---

## ✦ *ବୁଦ୍ଧ (Buddha)* ✦

ଆହା! ଯା' ନିନ୍ଦୁଛ ଶ୍ରୁତିସମୁତ୍ପନ୍ନ
ଯଜ୍ଞବିଧି ହିତକରେ।
ପଶୁଘାତ ଦେଖି ସଦୟହୃଦୟେ
ଅଶେଷକାରୁଣ୍ୟ ଭରେ।
ହେ କେଶବ! ବୁଦ୍ଧ ଶରୀରେ ବିହାର!
ହରି! ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟ କାମୀର
ନିରନ୍ତର ନମସ୍କାର।
**୯।**

---

## ✦ *କଳ୍କି (Kalki)* ✦

ମ୍ଲେଚ୍ଛ ନିବହର ନିବର୍ହଣ ପାଇଁ
କରେ ଧର କରବାଳ ।
ଧୂମକେତୁସମ ଅଟେ ତା ବିଷମ
ଅବିଚାରିତ କରାଳ ।
ହେ କେଶବ! କଳ୍କୀ ଶରୀର ଧାରକ!
ହରି! ଜଗତ ଈଶ୍ୱର!
ସର୍ବଦା ତୁମର ବିଜୟ କାମୀର
ନିରନ୍ତର ନମସ୍କାର ।
**୧୦ ।**

---

## ✦ *ଉପସଂହାର (Conclusion)* ✦

ଜୟଦେବକବି-ରଚିତ-ପ୍ରବନ୍ଧ
ପ୍ରାକୃତ-ବନ୍ଧେ ପ୍ରକାଶ ।
ଦଶଅବତାର ବିଷୟ ବିତାନେ
ଯତି ଜ୍ଞାନାନନ୍ଦ ଭାଷ ।
ହେ କେଶବ! ସର୍ବ ରୂପରେ ନୀରୂପ
ହରି ଜଗତ ଈଶ୍ୱର!
ଅଭେଦରେ ତୁମ୍ଭ ଚରଣ-ଚାରଣ-
ଚକ୍ରବର୍ତ୍ତୀ ମୋତେ କର ।
**୧୧ ।**

— ✍▒ *ଅବଧୂତ ଜ୍ଞାନାନନ୍ଦ* —

👁 👁 👁